# ତହସିଲଦାରଙ୍କ କାର୍ଯ୍ୟାଳୟ , ଜଳେଶ୍ୱର

ବିଜ୍ଞପ୍ତି ସଂଖ୍ୟା 2531 ତା 07.07.21

## ସୈରାତଉତ୍ସ (MTA) ନିଲାମ ବିଜ୍ଞାପନ ନିମନ୍ତେ

ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡିଶା ସରକାରଙ୍କର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧିନସ୍ଥ ଜଳେଶ୍ୱର ତହସିଲ ଅନ୍ତର୍ଗତ ସୈରାତଉତ୍ସ ଗୁଡିକ ଚଳିତ ଆର୍ଥିକ ବର୍ଷ ଅର୍ଥାତ ୨୦୨୧-୨୨ ନିମନ୍ତେ ନିର୍ଦ୍ଧାରିତ ତାରିଖ ୨୦.୦୭.୨୧ ଦିବା ୧୧.୦୦ ଘଟିକା ସମୟରେ ଜଳେଶ୍ୱର ତହସିଲ କାର୍ଯ୍ୟାଳୟରେ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ପ୍ରକାଶ୍ୟ ନିଲାମଦେବା ପାଇଁ ସ୍ଥିରୀକୃତ ହୋଇଅଛି । ନିଲାମ ହେବାକୁଥିବା ସୈରାତଉତ୍ସ ଗୁଡିକର ବିସ୍ତାର ବିବରଣୀ ଓ ନିଲାମ ସମ୍ପର୍କିତ ତଥ୍ୟ ସମସ୍ତ କାର୍ଯ୍ୟ ଦିବସ ମାନଙ୍କରେ ତହସିଲ କାର୍ଯ୍ୟାଳୟରେ ଉପଲବ୍ଧ ହେବ । ତତ ସଙ୍ଗେ ସଙ୍ଗେ ଏହା ବାଲେଶ୍ୱର ଜିଲ୍ଲାପାଳଙ୍କ website www.baleswar.nic.in ରେ ଉପଲବ୍ଧ ହେବ । ଏଣୁ ନିଲାମ ନେବାକୁ ଆଗ୍ରହୀ ବ୍ୟକ୍ତି ମାନେ ଉକ୍ତ ଧାର୍ଯ୍ୟ ତାରିଖ ଓ ସମୟରେ ତହସିଲ କାର୍ଯ୍ୟାଳୟରେ ଉପସ୍ଥିତ ହୋଇ ସମ୍ପୃକ୍ତ ଉତ୍ସ ନିମନ୍ତେ ଧାର୍ଯ୍ୟ ସରକାରୀ ମୂଲ୍ୟର ଶତକଡା ୧୦% (ଦଶ ପ୍ରତିଶତ ) ବଇନା ଧନ (earnest money) ବାବଦ କୁ ନଗଦ ଅର୍ଥ କିମ୍ବା ବ୍ୟାଙ୍କ ଡ୍ରାଫ୍ଟ ଆକାରରେ ଜମା ଦେଇ ନିଲାମରେ ଅଂଶ ଗ୍ରହଣ କରି ପାରିବେ । ଉପରୋକ୍ତ ଧାର୍ଯ୍ୟ ତାରିଖରେ ନିଲାମ ହୋଇନପାରିନଥିବା ସୈରାତଉତ୍ସ ଗୁଡିକର ଦ୍ୱିତୀୟ ପର୍ଯ୍ୟାୟରେ ତା ୨୭.୦୭.୨୧ ରିଖରେ ଓ ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ନିଲାମ ହୋଇନପାରିଥିବା ଉତ୍ସ ଗୁଡିକ ତୃତୀୟ ପର୍ଯ୍ୟାୟରେ ତା ୦୩.୦୮.୨୧ ରିଖରେ ଅନ୍ୟାନ୍ୟ ନିୟମ ଅପରିବର୍ତ୍ତିତ ଥାଇ ନିଲାମ କରାଯିବ । ଅନିବାର୍ଯ୍ୟ କାରଣ ବଶତଃ କିମ୍ବା କୌଣସି କାରଣ ନ ଦର୍ଶାଇ ନିଲାମ ପ୍ରକ୍ରିୟାକୁ ସ୍ଥଗିତ ରଖିବା କିମ୍ବା ବାତିଲ କରିବାର କ୍ଷମତା କର୍ତ୍ତୃପକ୍ଷଙ୍କର ରହିଅଛି।

ତହସିଲଦାର, ଜଳେଶ୍ୱର

# ତହସିଲଦାରଙ୍କ କାର୍ଯ୍ୟାଳୟ , ଜଳେଶ୍ୱର

ବିଜ୍ଞପ୍ତି ସଂଖ୍ୟା ୨୫୩୧ ତା୦୭.୦୭.୨୧

## ସୈରାତ ଉତ୍ସ ନିଲାମ ବିଜ୍ଞାପନ ନିମନ୍ତେ

ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଜଳେଶ୍ୱର ତହସିଲ ଅଧିନସ୍ଥ ବିଭିନ୍ନ ସୈରାତଉତ୍ସ ଗୁଡିକ ଚଳିତ ଆର୍ଥିକ ବର୍ଷ ଅର୍ଥାତ 2021-22 ନିମନ୍ତେ ପୂର୍ବ ନିର୍ଦ୍ଧାରିତ ତାରିଖ 20.07.21 ଦିବା 11.00 ଘଟିକା ସମୟରେ ଜଳେଶ୍ୱର ତହସିଲ କାର୍ଯ୍ୟାଳୟରେ କ୍ଷମତା ପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ପ୍ରକାଶ୍ୟ ନିଲାମଦେବା ପାଇଁ ସ୍ଥିରୀକୃତ ହୋଇଅଛି । ଏଣୁ ନିଲାମ ନେବାକୁ ଥିବା ସୈରାତଉତ୍ସ ଗୁଡିକର ବିଶଦ ବିବରଣୀ ନିମ୍ନରେ ଥିବା ସାରଣୀରେ ପ୍ରଦତ୍ତ ହୋଇଅଛି। ଏଣୁ ନିଲାମ ନେବାକୁଥିବା ଆଗ୍ରହୀ ବ୍ୟକ୍ତିମାନେ ଉକ୍ତ ଧାର୍ଯ୍ୟ ତାରିଖ ଓ ସମୟରେ ତହସିଲ କାର୍ଯ୍ୟାଳୟରେ ଉପସ୍ଥିତ ହୋଇ ନିଲାମରେ ଅଂଶ ଗ୍ରହଣ କରିପାରିବେ । ନିଲାମରେ ଅଂଶ ଗ୍ରହଣ କରିବାକୁ ଇଚ୍ଛୁକ ବ୍ୟକ୍ତି ସମ୍ପୃକ୍ତ ଉତ୍ସ ନିମନ୍ତେ ଧାର୍ଯ୍ୟ ସରକାରୀ ମୂଲ୍ୟର ଶତକଡା 10% (ଦଶ ପ୍ରତିଶତ ) ବଇନା ଧାନ (earnest money ) ବାବଦକୁ ନଗଦ ଅର୍ଥ କିମ୍ବା ବ୍ୟାଙ୍କ ଡ୍ରାଫ୍ଟ ଆକାରରେ ନିଲାମରେ ଅଂଶ ଗ୍ରହଣ କରିପାରିବା ପୂର୍ବରୁ ଦାଖଲ ଦେବେ, ଅନ୍ୟଥା ନିଲାମ ପ୍ରକ୍ରିୟାରେ ଅଂଶ ଗ୍ରହଣ କରିପାରିବେନାହିଁ । ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ସର୍ବୋଚ୍ଚ ନିଲାମ ଡ଼ାକିଥିବା ବ୍ୟକ୍ତିଙ୍କୁ ପ୍ରାଧାନ୍ୟ ଦେବାପାଇଁ ନିଲାମ କର୍ତୃପକ୍ଷ ବାଧ ରହିବେ ନାହିଁ । କିମ୍ବା ଅନୁଷ୍ଠାନିକ ଭାବେ ସୁଚାଇ ଦିଆନଯିବା ପର୍ଯ୍ୟନ୍ତ ସାମୁହିକ ଭାବେ ସ୍ଥିରୀକୃତ (provisionally selected ) ନିଲାମଧାରୀ ସମ୍ପୃକ୍ତ ଉତ୍ସ ଉପରେ କୌଣସି ଅଧିକାର ସାବ୍ୟସ୍ତ କରିପାରିବେ ନାହିଁ । ନିଲାମ ସାବ୍ୟସ୍ତ ସୂଚନା ପ୍ରଦାନ ମାତ୍ରେ ନିଲାମ ଗ୍ରହିତ ସମ୍ପୃକ୍ତ ଉତ୍ସ ବାବଦକୁ ସମସ୍ତ ରାଶି ଏକକାଳିନ ଦାଖଲ କରିବାକୁ ବାଧ ରହିବେ। ଅନ୍ୟଥା ତାଙ୍କର ବଇନା ଧନ ବ୍ୟାଜ୍ୟାପ୍ତି କରାଯାଇ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଯଦି ଉପରୋକ୍ତ ଧାର୍ଯ୍ୟ ତାରିଖରେ କୌଣସି ସୈରାତଉତ୍ସ ନିଲାମ ହୋଇନପାରିଲା ତେବେ ଉକ୍ତ ଉତ୍ସ ଗୁଡିକର ତାଲିକା ତହସିଲ କାର୍ଯ୍ୟାଳୟର ନୋଟିସ ବୋର୍ଡ ରେ ପ୍ରକାଶନ କରାଯାଇ ଦ୍ୱିତୀୟ ପର୍ଯ୍ୟାୟରେ ଧାର୍ଯ୍ୟ ତା 27.07.21 ରିଖରେ ଉପୋରକ୍ତ ପ୍ରକାରେ ନିଲାମ କରାଯିବ । ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ନିଲାମ ହୋଇନପାରିଥିବା ଉତ୍ସ ଗୁଡିକ ତୃତୀୟ ପର୍ଯ୍ୟାୟରେ ତା 03.08.21 ରିଖରେ ଉପୋରକ୍ତ ପ୍ରକ୍ରିୟା ଅନୁସାରେ ନିଲାମ ଦିଆଯିବ। । ଅନିବାର୍ଯ୍ୟ କାରଣ ବଶତଃ କିମ୍ବା କୌଣସି କାରଣ ନ ଦର୍ଶାଇ ନିଲାମ ପ୍ରକ୍ରିୟାକୁ ସ୍ଥଗିତ ରଖିବା କିମ୍ବା ବାତିଲ କରିବାର କ୍ଷମତା କର୍ତୃପକ୍ଷଙ୍କର ରହିଅଛି।

ମତ୍ସ୍ୟ ନିମନ୍ତେ ଉଦିଷ୍ଟ ଉତ୍ସ ଗୁଡିକ ନିଲାମରେ ଅଂଶ ଗ୍ରହଣ କରିଥିବା ଆଗ୍ରହୀ ମତ୍ସ୍ୟ ସମବାୟ ସମିତି (fisheries co - Operative Society) ମାନଙ୍କୁ ଅଗ୍ରାଧିକାର ଦିଆଯିବ। ।

### ନିଲାମ ପାଇଁ ଉଦ୍ଦିଷ୍ଟ ଉତ୍ସ ଗୁଡିକର ସାରଣୀ

| କ୍ର ନୋଂ | ସୈରାତ ଉତ୍ସର ନାମ | ରାଜସ୍ୱ ନିରିକ୍ଷକ ମଣ୍ଡଳର ନାମ | ରାଜସ୍ୱ ଗ୍ରାମ | ତଫସିଲ ବୃତି | ସରକାରୀ ଧାର୍ଯ୍ୟ ମୂଲ୍ୟ |
|---|---|---|---|---|---|
| ୧ | ସାପ୍ତାହିକ ହାଟ ମାଙ୍କିଡିଆ | ଓଲମରା। | ମାଙ୍କିଡିଆ | ଖାତା -୮୨୦<br>ପ୍ଲଟ- ୩୭୯<br>ରକବା ଏ 0.୬୪ | ୧୪୩୦୦.୦୦ |
| ୨ | କଳମା। ଖାଳ | ସରଡିହା। | କଳମା। | ଖାତା -୧୭୪୮<br>ପ୍ଲଟ- ୭୮୦୫, ରକବା ଏ ୧.୯୦<br>ପ୍ଲଟ- ୭୯୫୦, ରକବା ଏ ୦.୮୦ | ୨୪୨୦୦.୦୦ |
| ୩ | ଶ୍ରୀରାମପୁର ନାଳ | ସରଡିହା। | ଶ୍ରୀରାମପୁର | ଖାତା -୧୪୬<br>ପ୍ଲଟ- ୨୩୦<br>ରକବା ଏ 0.୫୨ | ୭୭୦.୦୦ |

| | | | | | |
|---|---|---|---|---|---|
| ୪ | ଶ୍ରୀରାମପୁର ନଦୀ | ସରଡିହା | ଶ୍ରୀରାମପୁର | ଖାତା -୧୪୬<br>ପ୍ଲଟ- ୫୫୭<br>ରକବା ଏ ୭୫ .୭୩ | ୪୪୭୭.୦୦ |
| ୫ | ବଜାରଶୋଳ ନଦୀ | ସରଡିହା | ବଜାରଶୋଳ | ଖାତା -୩୮୮<br>ପ୍ଲଟ- ୧୨୫୩<br>ରକବା ଏ ୫୦ .୦୦ | ୫୦୦୫୦.୦୦ |
| ୬ | କୁଣ୍ଡୁଳିଚକ ନଦୀ | ସରଡିହା | କୁଣ୍ଡୁଳିଚକ | ଖାତା -୧୫୧<br>ପ୍ଲଟ- ୪୦୧<br>ରକବା ଏ ୫୭ .୩୮ | ୪୭୭୯୫.୦୦ |
| ୭ | ରଜପୁର ନଦୀ | ଜଳେଶ୍ୱର | ରାଜପୁର | ଖାତା -୯୭୨<br>ପ୍ଲଟ- ୩୮୫, ୧୭୦୧, ୯୪,<br>୩୧୪, ୩୮୫, ୧୭୦୨<br>ରକବା ଏ ୦.୪୦, ଏ ୦.୦୮୦,<br>ଏ ୧.୨୦, ଏ ୧.୧୦,<br>ଏ ୦.୪୦, ଏ ୦.୮୦ | ୬୨୯୨୦.୦୦ |
| ୮ | ମଣିକଚକ ନଦୀ | ଜଳେଶ୍ୱର | ଶାସନବାଡ | ଖାତା -୨୪୨<br>ପ୍ଲଟ- ୧୩, ୧୪, ୩୧, ୩୨,<br>୩୬, ୩୭, ୪୯, ୬୭, ୬୮,<br>୬୯, ୯୦,<br>ମୋଟ ରକବା ଏ ୦.୮୪ | ୧୯୨୫.୦୦ |
| ୯ | ଦେଉଳବାଡ ଟାଙ୍କ | ନମୋ | ଦେଉଳବାଡ | ଖାତା -୧୫୪<br>ପ୍ଲଟ- ୧୬୯<br>ରକବା ଏ 0.୮୩ | ୧୪୦୮ .୦୦ |

ତହସିଲଦାର, ଜଳେଶ୍ୱର

ପରିପତ୍ର ସଂଖ୍ୟା 2532 ତା 09.07.21

ଏହାର ଏକକିତା ନକଲ ସମ୍ପୃକ୍ତ ଗ୍ରାମାପଞ୍ଚାୟତ କାର୍ଯ୍ୟାଳୟ/ ପଞ୍ଚାୟତ ସମିତି ଜଳେଶ୍ୱର କାର୍ଯ୍ୟାଳୟ/ ସମ୍ପୃକ୍ତ ଥାନା / ସମ୍ପୃକ୍ତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ/ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ/ ତହସିଲ କାର୍ଯ୍ୟାଳୟର ନୋଟିସ ବୋର୍ଡରେ ସର୍ବସାଧାରଣଙ୍କର ଗୋଚରାର୍ଥେ ପ୍ରକାଶନ ନିମନ୍ତେ ପ୍ରେରଣା କରାଗଲା। ଏହାର ଏକକିତ ନକଲ ସମ୍ପୃକ୍ତ ଗ୍ରାମର ପ୍ରକାଶ୍ୟ ସ୍ଥାନରେ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା । ସମ୍ପୃକ୍ତ ଉତ୍ସ ଗୁଡିକର ପୂର୍ବ ତିନି ବର୍ଷ ମଧ୍ୟରେ ଥିବା ନିଲାମ ଗ୍ରହିତା କିମ୍ବା ସେମାନଙ୍କର ଉତ୍ତରାଧିକାରୀ ମାନଙ୍କ ଗୋଚରାର୍ଥେ ଜଣାଇ ଦିଆଗଲା ।

ତହସିଲଦାର, ଜଳେଶ୍ୱର

ପରିପତ୍ର ସଂଖ୍ୟା 2533 ତା 09.07.21

ଏହାର ଏକକିତା ନକଲ ଉପଜିଲ୍ଲାପାଳ ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା।

ତହସିଲଦାର, ଜଳେଶ୍ୱର